# NATIONAL NEWS BULLETIN (ODIA)
## 19th April - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଦେଶର ବିକାଶକୁ ସୁନିଶ୍ଚିତ କରିବାପାଇଁ ଅଧିକ ସଂଖ୍ୟାରେ ମହିଳା ରାଜନୀତିରେ ଯୋଗଦେବାପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

— ପଶ୍ଚିମବଙ୍ଗ ଏବଂ ତାମିଲ୍‌ନାଡୁରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ।

- ଭୁବନେଶ୍ୱରରେ ଦେଶର ପ୍ରଥମ ଅତ୍ୟାଧୁନିକ ଥ୍ରିଡି-ଗ୍ଲାସ୍ ପ୍ୟାକେଜିଂ ପ୍ରକଳ୍ପର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

- ତାମିଲନାଡୁର ମୁଥୁଲିଙ୍ଗାପୁରମ୍ ବାଣ କାରଖାନା ବିସ୍ଫୋରଣରେ ୨୧ ଜଣଙ୍କ ମୃତ୍ୟୁ ।

- ଇରାନ୍ ସହିତ ଆଲୋଚନାପାଇଁ ଇସ୍‌ଲାମାବାଦ ଗସ୍ତରେ ଆମେରିକୀୟ ପ୍ରତିନିଧି ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା ଟି-୨୦ କ୍ରିକେଟ୍ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଡର୍‌ବାନ୍‌ର କିଙ୍ଗସ୍‌ମିଡ୍ ଷ୍ଟାଡିୟମ୍‌ରେ ଜାରି ।

## ପି.ଏମ୍. - ଇଲେକ୍ସନ ର୍‍ୟାଲି

ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ନିର୍ବାଚନ ପ୍ରଚାର ପାଇଁ ସମୟ ସରିଆସୁଥିବାବେଳେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି । ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ଅନ୍ତର୍ଗତ ବିଷ୍ଣୁପୁରଠାରେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜନସମାବେଶକୁ ସମ୍ବୋଧନ କରିଛନ୍ତି । ସଂସଦରେ ମହିଳା ସଂରକ୍ଷଣ ଆଧାରିତ ବିଲ୍ ପାରିତ ନ ହେବା ନେଇ ତୃଣମୂଳ କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳଗୁଡ଼ିକୁ ଦାୟି କରିଛନ୍ତି । ସେ କହିଛନ୍ତି, ଏହାର ଜବାବ୍ ସାଧାରଣ ଜନତା ହିଁ ଦେବେ । ଦେଶର ବିକାଶକୁ ସୁନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟାରେ ମହିଳା ରାଜନୀତିରେ ଯୋଗଦେବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି । ମହିଳା ସଶକ୍ତୀକରଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, କଂଗ୍ରେସ ଏବଂ ଟିଏମ୍‌ସି ଜନଜାତି ବିରୋଧୀ ଦଳ ଏବଂ ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ସେମାନେ

ପ୍ରାର୍ଥୀ ଦେଇଥିଲେ । ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କୁ ସମସ୍ତପ୍ରକାର ସହଯୋଗ ରାଜ୍ୟ ସରକାର ଯୋଗାଉଛନ୍ତି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ପୁରୁଲିଆରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ ଶାସନକାଳରେ ଦୁର୍ନୀତି ଏବଂ ଅତ୍ୟାଚାର ପଶ୍ଚିମବଙ୍ଗର ଲୋକମାନଙ୍କ ମଧରେ ଭୟ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିଛନ୍ତି । ଲୋକମାନେ ଏବେ ବି.ଜେ.ପି. ଉପରେ ଆସ୍ଥା ପ୍ରକଟ କରୁଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି । ପଶ୍ଚିମବଙ୍ଗର ଆଦିବାସୀବହୁଳ ଜିଲ୍ଲାଗୁଡ଼ିକ ବିକାଶ ଏବଂ ମୌଳିକ ସୁବିଧାର ବଞ୍ଚିତ ହୋଇଛନ୍ତି ବୋଲି କହିବା ସହ ଏହା ତୃଣମୂଳ କଂଗ୍ରେସର 'ମହା ଜଙ୍ଗଲରାଜ' ବୋଲି ଅଭିହିତ କରିଛନ୍ତି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହୁଗୁଳି ଏବଂ ପୂର୍ବ-ବର୍ଦ୍ଧମାନ ଜିଲ୍ଲାରେ କେତେକ ସାଧାରଣ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ବିଜେପି ନେତା ତଥା ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା ମୁର୍ଶିଦାବାଦ ଜିଲ୍ଲାର ଜିଆଗଞ୍ଜ ଏବଂ କାଣ୍ଡିଠାରେ ରୋଡ ଶୋ'ରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତାମିଲନାଡୁର ଇରୋଡ ଜିଲ୍ଲାର ଶିବଗିରି ଓ ମୋଡାକୁରିଚିଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ୍ ହୋଇଥିଲେ । ଏକ ଜନସଭାକୁ

ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ଏ.ଆଇ.ଏ.ଡି.ଏମ୍.କେ. ନେତୃତ୍ୱରେ ଏନ୍‌ଡିଏ ଏକ ଦୃଢ଼ ଏବଂ ସଫଳ ମେଣ୍ଟ । ଏହି ଅବସରରେ ସେ ଡି.ଏମ୍.କେ. ସରକାରକୁ ନିଷ୍କ୍ରିୟ ଏବଂ  ଜନକଲ୍ୟାଣ ବିରୋଧୀ ବୋଲି କହି ସମାଲୋଚନା କରିଥିଲେ । ନମକଲ୍‌ଠାରେ ପ୍ରଚାର ସମୟରେ ଏ.ଆଇ.ଏ.ଡି.ଏମ୍.କେ. ସାଧାରଣ ସମ୍ପାଦକ ଏଡ଼ାପ୍ପାଡ଼ି କେ. ପାଲାନୀସ୍ୱାମୀ କହିଛନ୍ତି, ତାଙ୍କ ଦଳ କ୍ଷମତାକୁ ଆସିଲେ ଚାଷୀମାନଙ୍କୁ ୧୪ ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇବେ ।

ଟି.ଭି.କେ. ନେତାମାନେ ଆଜି ପୂର୍ବ-ତ୍ରିଚିରେ ନିର୍ବାଚନ ପ୍ରଚାର କରିବା ସହ ଏକ ରୋଡ୍‌ଶୋ’ କରିଥିଲେ ।

## ବୈଷ୍ଣବ - ଓଡ଼ିଶା

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦୃଢ଼ ନୀତିଗତ ସମର୍ଥନ ଏବଂ ବର୍ଦ୍ଧିତ ନିବେଶଦ୍ୱାରା ଓଡ଼ିଶା ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି । ଭୁବନେଶ୍ୱର ଇନ୍‌ଫୋଭ୍ୟାଲି-ଟୁ’ରେ ଭାରତର ପ୍ରଥମ ଅତ୍ୟାଧୁନିକ ଥ୍ରିଡି-ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ପାଇଁ ଶିଳାନ୍ୟାସ ଅବସରରେ ଶ୍ରୀ ବୈଷ୍ଣବ ଏହା କହିଛନ୍ତି ।

***Voice (Baishnav) :.........***

ଥ୍ରିଡି-ଗ୍ଲାସ ସଲ୍ୟୁସନ୍ସଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଏହି ଉନ୍ନତ ପ୍ୟାକେଜିଂ ସେମିକଣ୍ଡକ୍ଟରର ଭବିଷ୍ୟତରେ ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ଏବଂ ଉଚ୍ଚମାନର କମ୍ପ୍ୟୁଟିଂ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଅଢ଼େଇ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ପଦକ୍ଷେପ ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବ ବୋଲି କହିଥିଲେ ।

ପରେ ଶ୍ରୀ ବୈଷ୍ଣବ ଭୁବନେଶ୍ୱର ରେଳଷ୍ଟେସନ ପରିଦର୍ଶନ କରିବା ସହ ସେଠାରେ ଚାଲିଥିବା ପୁନଃ ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ । ଶ୍ରୀ ବୈଷ୍ଣବ କହିଛନ୍ତି, ସମଗ୍ର ଦେଶରେ ୧୩ ଶହରୁ ଅଧିକ ରେଳଷ୍ଟେସନ ପୁନଃ ବିକଶିତ ହେଉଛି । ଏହି ପରିବର୍ତ୍ତନରେ ଭୁବନେଶ୍ୱର ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଷ୍ଟେସନକୁ ଏକ ଆଧୁନିକ ପରିବହନ ହବ୍‌ରେ ବିକଶିତ କରାଯାଉଛି । ଉଭୟ ପାର୍ଶ୍ୱରେ ଉଚ୍ଚ ଡ୍ରାଇଭ୍ ୱେ, ବିସ୍ତାରିତ ଫୁଟ୍ ଓଭରବ୍ରିଜ୍, ଉନ୍ନତ ପ୍ଲାଟ୍‌ଫର୍ମ ଆଶ୍ରୟସ୍ଥଳ ଏବଂ ଉଚ୍ଚ ପ୍ରତୀକ୍ଷା କ୍ଷେତ୍ର ଭଳି ସୁବିଧା ରହିଛି । ସମସ୍ତ ୬ଟିଯାକ ପ୍ଲାଟ୍‌ଫର୍ମରେ ସୁଗମ ସଂଯୋଗ ସ୍ଥାପନ କରିବା ଏବଂ ଯାତ୍ରୀଙ୍କ ସୁବିଧାପାଇଁ ବିମାନ ବନ୍ଦର ଭଳି ଏୟାର୍ କନ୍‌କୋର୍ସ ମଧ୍ୟ ବିକଶିତ କରାଯାଉଛି । ପ୍ରକଳ୍ପ ଅଗ୍ରଗତିରେ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଭି.ପି. - ଶ୍ରୀଲଙ୍କା

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ଶ୍ରୀଲଙ୍କାର ରାଷ୍ଟ୍ରପତି ସଚିବାଳୟଠାରେ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଭାରତ-ଶ୍ରୀଲଙ୍କା ଦ୍ୱିପାକ୍ଷିକ ସମ୍ପର୍କର ଇତିହାସ, ସାଂସ୍କୃତିକ ମୂଲ୍ୟବୋଧ ଏବଂ ଏହାକୁ ଅଧିକ ସୁଦୃଢ଼ କରିବା ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଉଭୟ ଦେଶ ପାରସ୍ପରିକ ଅଭିବୃଦ୍ଧି ଏବଂ ବିକାଶ ପାଇଁ ନିରନ୍ତର ସହଯୋଗ ଉପରେ ଗୁରୁତ୍ୱ ଦେଇ ଭାରତର ପଡୋଶୀ ପ୍ରଥମ ନୀତି ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ପୁନଃ ଦୋହରାଇଛନ୍ତି । ସେଠାରେ କାର୍ଯ୍ୟକାରୀ ହେଉଥିବା ଭାରତୀୟ ଆବାସ ପ୍ରକଳ୍ପ ଏବଂ ଘୂର୍ଣ୍ଣିଝଡ଼ 'ଡିଟୱା' ପ୍ରଭାବିତ ଅଞ୍ଚଳ ପାଇଁ ଭାରତ ଦ୍ୱାରା ପ୍ରଦତ୍ତ ୪୫୦ ନିୟୁତ ଡଲାର ସହାୟତା ରାଶି ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ନେଇ ଉଭୟ ନେତା ସମୀକ୍ଷା କରିଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିଣୀ ଅମରସୁରୀୟାଙ୍କୁ ମଧ୍ୟ ସାକ୍ଷାତ୍ କରିବା ସହ ପାରସ୍ପରିକ ସମ୍ପର୍କକୁ ମଜବୁତ କରିବାର ଉପାୟଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ତାମିଲ୍ ସମ୍ପ୍ରଦାୟର

ଶୀର୍ଷ ନେତୃତ୍ୱ, ସଦସ୍ୟ ଏବଂ ପ୍ରବାସୀମାନଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

## ଏମ୍.ଇ.ଏ. - ଏମ୍.ଓ.ଏସ୍. ଭିଜିଟ୍

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ରା ମାର୍ଗାରିଟା ଆସନ୍ତା ୨୨ ତାରିଖରୁ ଦକ୍ଷିଣ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ଭାନୁଆଟୁ ଏବଂ ଟୁଭାଲୁକୁ ଚାରିଦିନିଆ ଗସ୍ତରେ ଯିବେ । ଗସ୍ତ ଅବସରରେ ମନ୍ତ୍ରୀ ସେଠାକାର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ଆଶା କରାଯାଉଛି । ଭାରତର ସହାୟତାରେ ଟୁଭାଲୁଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶ୍ରୀ ମାର୍ଗାରିଟା ସମୀକ୍ଷା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଗସ୍ତ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ରଗୁଡ଼ିକ ସହିତ ରାଜନୈତିକ ଏବଂ ବିକାଶମୂଳକ ସହଯୋଗ ସମ୍ପର୍କକୁ ସୁଦୃଢ଼ କରିବାପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ଟେକ୍ସଟାଇଲ୍ ମିନିଷ୍ଟ୍ରି - ବିଶ୍ୱସୂତ୍ର

ବୟନ ମନ୍ତ୍ରଣାଳୟ ପକ୍ଷରୁ 'ବିଶ୍ୱସୂତ୍ର : ବିଶ୍ୱପାଇଁ ଭାରତର ବୟନ' ନାମକ ଏକ ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନ ଅନ୍ତର୍ଗତ ଏକ

ଡିଜାଇନର୍ ସଂଗ୍ରହ ଓଡ଼ିଶାର ଭୁବନେଶ୍ୱରରେ ଅନୁଷ୍ଠିତ ୬୧ତମ ଫେମିନା ମିସ୍ ଇଣ୍ଡିଆରେ ଉପସ୍ଥାପିତ ହୋଇଥିଲା । ଜାତୀୟ ଫାଶନ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଓ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ମିଳିତ ସହଯୋଗରେ ଏହି ପ୍ରୟାସକୁ ବିକଶିତ କରାଯାଇଛି । ଏହା ଭାରତୀୟ ହସ୍ତତନ୍ତକୁ ଏକ ସମସାମୟିକ ବିଶ୍ୱ ଡିଜାଇନ୍ ଢାଞ୍ଚାରେ ଉପସ୍ଥାପନ କରିବାର ଲକ୍ଷ୍ୟ ରଖିଛି ।

ମନ୍ତ୍ରଣାଳୟ କହିଛି, ଏହି ପ୍ରୟାସ ସରକାରଙ୍କର 'ଭୋକାଲ୍ ଫର୍ ଲୋକାଲ୍ ଟୁ ଗ୍ଲୋବାଲ୍' ଏବଂ ପ୍ରଧାନମନ୍ତ୍ରୀଙ୍କ 5F ଫ୍ରେମ୍‌ୱାର୍କ - ଫାର୍ମ ଟୁ ଫାଇବର୍ ଟୁ ଫ୍ୟାକ୍ଟୋରୀ ଟୁ ଫ୍ୟାଶନ ଟୁ ଫରେନ୍ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରୁଛି ।

ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ୍ ପ୍ରତିଯୋଗିତାର ୬୧ତମ ସଂସ୍କରଣର ବିଷୟବସ୍ତୁ ଥିଲା "ଏହି ମାଟିର ଝିଅ" । ପ୍ରତିଯୋଗିତାର ଗ୍ରାଣ୍ଡ୍ ଫିନାଲେରେ ଗୋଆର ସାଧ୍ୱୀ ସୈଲ ଫେମିନା ମିସ୍ ଇଣ୍ଡିଆ ୱାର୍ଲଡ୍-୨୦୨୬ ବିଜୟୀ ହୋଇଛନ୍ତି ।

## ୱେଷ୍ଟ ଏସିଆ ଅପ୍‌ଡେଟ୍‌ସ

ଦେଶରେ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ବିତରଣ ସ୍ୱାଭାବିକ ରହିଛି ବୋଲି ସରକାର କହିଛନ୍ତି । ଗତକାଲି ୫୩ ଲକ୍ଷ ୫୦ ହଜାରରୁ ଅଧିକ

ସିଲିଣ୍ଡର ବିତରଣ ହୋଇଛି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି, MYPNGD.in ୱେବ୍‌ସାଇଟ୍ ମାଧ୍ୟମରେ ୩୯ ହଜାରରୁ ଅଧିକ ପି.ଏନ୍.ଜି. ଗ୍ରାହକ ସେମାନଙ୍କର ଏଲ୍.ପି.ଜି. ସଂଯୋଗ ସ୍ୱେଚ୍ଛାକୃତ ଭାବେ ଫେରାଇ ଦେଇଛନ୍ତି । ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲ୍.ପି.ଜି. ଯୋଗାଣ ସୁନିଶ୍ଚିତ କରାଯାଉଛି । ବେଆଇନ ମହଜୁଦ ଏବଂ କଳାବଜାରୀ ରୋକିବାପାଇଁ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଗତକାଲି ୨ ହଜାର ୪ ଶହରୁ ଅଧିକ ଚଢ଼ାଉ କରାଯାଇଥିଲା । ଅନ୍‌ଲାଇନ୍ ଏଲ୍.ପି.ଜି. ବୁକିଂ ମଧ୍ୟ ପ୍ରାୟ ୯୮ ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶବ୍ୟାପୀ ବନ୍ଦରଗୁଡ଼ିକରେ କାର୍ଯ୍ୟଧାରା ସ୍ୱାଭାବିକ ରହିଥିବା ନେଇ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ସୂଚନା ଦେଇଛି । ଭାରତୀୟ ଧ୍ୱଜାଧାରୀ ଅଶୋଧିତ ତୈଳ ଟ୍ୟାଙ୍କର୍ 'ଦେଶ ଗରିମା' ୩୧ ଜଣ ଭାରତୀୟ ନାବିକଙ୍କୁ ନେଇ ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି । ଆସନ୍ତା ବୁଧବାର ଏହା ମୁମ୍ବାଇରେ ପହଞ୍ଚିବାର ଆଶା କରାଯାଉଛି ।

## ଟି.ଏନ୍. - ଫାୟାର୍ କ୍ରାକର ବ୍ଲାଷ୍ଟ

ତାମିଲ୍‌ନାଡୁର ବିରୁଧୁନଗର ଜିଲ୍ଲା ଅନ୍ତର୍ଗତ ମୁଥୁଲିଙ୍ଗାପୁରମ୍‌ଠାରେ ଆଜି ଅପରାହ୍ଣରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୧ ଜଣଙ୍କର ମୃତ୍ୟୁ

ହୋଇଥିବା ସୂଚନା ମିଳିଛି । ୬ ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଜରୁରୀକାଳୀନ ଚିକିତ୍ସାପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଶ୍ରମିକମାନେ କାରଖାନା ଭିତରେ ଜ୍ୱଳନଶୀଳ ରାସାୟନିକ ପଦାର୍ଥ ସ୍ଥାନାନ୍ତର କରୁଥିବା ସମୟରେ ଏହି ଅଘଟଣ ଘଟିଥିଲା । ବିସ୍ଫୋରଣ ସମୟରେ ସେହି କାରଖାନାର ୪ଟି କୋଠରିରେ ମୋଟ୍ ୩୦ ଜଣ ଶ୍ରମିକ ଉପସ୍ଥିତ ଥିଲେ ।

ଏହି ବିସ୍ଫୋରଣରେ ପ୍ରାଣହାନିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦୁର୍ଘଟଣାରେ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କ ପ୍ରତି ମଧ୍ୟ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ୟୁ.ଏସ୍.-ଇରାନ୍ ଟକ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକୀୟ ପ୍ରତିନିଧିମାନେ ଇରାନ୍ ସହିତ ଆଲୋଚନାପାଇଁ ପାକିସ୍ତାନର ଇସ୍ଲାମାବାଦ

ଯାତ୍ରା କରୁଛନ୍ତି । ହର୍ମୁଜ ପ୍ରଣାଳୀରେ ଯୁଦ୍ଧବିରତି ଯୁକ୍ତିନାମା ଉଲ୍ଲଙ୍ଘନ ନେଇ ସେ ତେହେରାନ୍‌କୁ ଦାୟୀ କରିଛନ୍ତି । ସେ କହିଛନ୍ତି, ପ୍ରତିନିଧିମଣ୍ଡଳି ଆସନ୍ତାକାଲି ଇସ୍‌ଲାମାବାଦରେ ପହଞ୍ଚିବେ । ତେବେ ଇରାନ୍ ଏପର୍ଯ୍ୟନ୍ତ ଏହି ଆଲୋଚନା ଯୋଜନାକୁ ନିଶ୍ଚିତ କରି ନାହିଁ ।

## ୱିମେନ୍ କ୍ରିକେଟ୍

ମହିଳା କ୍ରିକେଟ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଡର୍‌ବାନ୍‌ର କିଙ୍ଗସ୍‌ମିଡ୍ ଷ୍ଟାଡିୟମ୍‌ରେ ଜାରି ରହିଛି । ଦକ୍ଷିଣ ଆଫ୍ରିକା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୭ ରନ୍ କରିବା ସହ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୪୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ନିୟୁ ଚଣ୍ଡୀଗଡ଼ର ମହାରାଜା ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ପଞ୍ଜାବ କିଙ୍ଗସ୍ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ ମଧ୍ୟରେ ଆଜିର ଦ୍ୱିତୀୟ ମ୍ୟାଚ୍

ଖେଳାଯିବ । ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

କୋଲ୍‌କାତାର ଇଡ଼େନ୍ ଗାର୍ଡେନ୍‌ସରେ ଖେଳାଯାଉଥିବା ଆଜିର ପ୍ରଥମ ମ୍ୟାଚ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ୪ ୱିକେଟ୍‌ରେ ବିଜୟୀ ହୋଇଛି । ରାଜସ୍ଥାନ ରୟାଲ୍‌ସ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୫୫ ରନ୍ ସ୍କୋର କରିଥିଲା । ୧୫୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କୋଲ୍‌କାତା ନାଇଟ୍ ରାଇଡର୍ସ ୧୯ ଓଭର ୪ଟି ବଲ୍‌ରେ ୬ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଛି ।

*****